# ବୃତ୍ତିକର ପ୍ରବୃତ୍ତିକର ହେଉ

୧୪/୦୧/୨୦୦୧

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଗତ ୧୨ ତାରିଖର ଗୁରୁତ୍ୱପୂର୍ଣ୍ଣ ରାୟ ପରିପ୍ରେକ୍ଷୀରେ ବୃତ୍ତିକର ପ୍ରସଙ୍ଗ ଆଜି ପୁଣି ଅନାସକ୍ତ ଆଲୋଚନାର ଅପେକ୍ଷା ରଖୁଛି । ଗତ ଡିସେମ୍ବର ୬ ତାରିଖଠାରୁ ଓକିଲମାନେ ବୃତ୍ତିକର ବିରୋଧରେ ନିଜର ଆନ୍ଦୋଳନ ଅବ୍ୟାହତ ରଖିଛନ୍ତି । ଏହାଦ୍ୱାରା ନ୍ୟାୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି । ସାଧାରଣ ନାଗରିକ ଓକିଲମାନଙ୍କର ସେବାରୁ ବଞ୍ଚିତ ହୋଇ ନ୍ୟାୟ ପାଇବାରୁ ମଧ୍ୟ ବଞ୍ଚିତ ହେଉଛି । ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏହାକୁ ସ୍ୱାଭାବିକ ଭାବରେ ନାପସନ୍ଦ କରିଛନ୍ତି । ସରକାରଙ୍କ ତରଫରୁ ଖୋଲା ଆଲୋଚନା ପାଇଁ ଦ୍ୱାର ଉନ୍ମୁକ୍ତ ଅଛି ବୋଲି ଆଡ୍‌ଭୋକେଟ୍ ଜେନେରାଲ୍ କହିଥିବାବେଳେ ବୃତ୍ତିକର ସମ୍ପର୍କିତ ସମସ୍ତ ବିବାଦ କ୍ଷେତ୍ରରେ ଏକ ମଧ୍ୟବର୍ତ୍ତୀକାଳୀନ ସ୍ଥଗନାଦେଶ ଜାରି କରି ଉଚ୍ଚ ନ୍ୟାୟାଳୟ ଉଭୟ ସରକାର ଓ ଓକିଲମାନଙ୍କୁ ଏ ପ୍ରକାର ଅପ୍ରୀତିକର ପରିସ୍ଥିତିରୁ ମୁକୁଳିବା ପାଇଁ ଏକ ସୁଯୋଗ ଦେଇଛନ୍ତି । ଏ ସୁଯୋଗ କେହି ହାତଛଡ଼ା କରିବା ଉଚିତ ନୁହେଁ ।

ବୃତ୍ତିକର ପ୍ରସଙ୍ଗକୁ ନେଇ ଗତ କିଛି ସପ୍ତାହ ଧରି ଯେଉଁ ଅଚଳାବସ୍ଥା ସୃଷ୍ଟି ହୋଇଛି ସେଥିପାଇଁ କାହାକୁ ଦାୟୀ କରିବା ଜାଣିହେଉ ନାହିଁ । ଆମ ବିଚାରରେ ଉଭୟପକ୍ଷର ଜିଦ୍‌ଖୋର ମନୋବୃତ୍ତି ଯୋଗୁଁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି । ପ୍ରଥମେ ସରକାରଙ୍କର ଯୁକ୍ତିକୁ ବିଚାର କରାଯାଉ । ସମ୍ବଳ ସଂଗ୍ରହ କରିବାପାଇଁ କର ଧାର୍ଯ୍ୟ କରିବା ନିର୍ବାଚିତ ସରକାରର ଏକ ସାମ୍ବିଧାନିକ ଅଧିକାର । ଆମ ଗଣତନ୍ତ୍ରର ମୂଳମନ୍ତ୍ର ହେଲା 'No taxation without representation' । ଜନ ସମର୍ଥନ ବିନା କୌଣସି ପ୍ରକାରର କରଭାର ନାଗରିକମାନଙ୍କ ଉପରେ ଲଦି ଦିଆଯାଇ ପାରିବନାହିଁ । ସେ ଦୃଷ୍ଟିରୁ ଗତ ବିଧାନସଭାରେ ସଂଖ୍ୟାନ୍ୟୂନ କଂଗ୍ରେସ ବିଧାୟକଙ୍କୁ ଛାଡ଼ିଦେଲେ ବହୁ ଭୋଟ୍‌ରେ ଗୃହୀତ ହୋଇଥିବା ବୃତ୍ତିକର ବିଲ୍‌ଟି ରାଜ୍ୟପାଳଙ୍କ ଅନୁମୋଦନ ଲାଭ କରିବା ପରେ ସାମ୍ବିଧାନିକ ମାନ୍ୟତା ପାଇଛି । ପୁଣି ସରକାର ଯୁକ୍ତି କରିପାରନ୍ତି ଯେ, ଓଡ଼ିଶାର ଆର୍ଥିକ ସଂକଟ ଅତ୍ୟନ୍ତ ଗୁରୁତର । ଅଧିକ ସମ୍ବଳ ସଂଗ୍ରହ କରିବାପାଇଁ ନୂଆ କରଧାର୍ଯ୍ୟ ବିନା ଅନ୍ୟ କୌଣସି ବିକଳ୍ପ ନାହିଁ । ଭାରତର ଅନ୍ୟ ୧୩ଟି ରାଜ୍ୟରେ ମଧ୍ୟ ଏଭଳି ବୃତ୍ତିକର ପ୍ରଚଳିତ ହୋଇଛି । ସରକାର ଚଳେଇବା ପାଇଁ ଆମେ ଆମର ସାମ୍ବିଧାନିକ ଅଧିକାରକୁ କେବଳ ମାତ୍ର ପ୍ରୟୋଗ କରିଛୁ । ଏଥିରେ ଅନ୍ୟର ବିରୋଧ କରିବାର ଅବକାଶ ରହିଲା କେଉଁଠି ?

କରଦାତାଙ୍କ ପକ୍ଷରୁ ଯୁକ୍ତି କରାଯାଇପାରେ ଯେ, ସରକାର ଏଭଳି କର ବସାଇବାକୁ ଜନାଦେଶ ପାଇଛନ୍ତି ବୋଲି ଯାହା କୁହାଯାଉଛି ତାହା ଗ୍ରହଣୀୟ ନୁହେଁ । ନିର୍ବାଚନ ପୂର୍ବରୁ କଂଗ୍ରେସ ସରକାର ଏଭଳି ଗୋଟିଏ କର ପ୍ରସ୍ତାବ କ୍ୟାବିନେଟ୍‌ରେ ଆଣି ମଧ୍ୟ ଶେଷ ମୁହୂର୍ତ୍ତରେ ଓହରି ଯାଇଥିଲେ । ସେମାନଙ୍କର ଆଶଙ୍କା ଥିଲା, ଏହା ସହଜରେ ଗ୍ରହଣୀୟ ହେବନାହିଁ । ଓଲଟା ଲୋକମତ ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ବର୍ତ୍ତମାନର ଅର୍ଥମନ୍ତ୍ରୀ ଯେ କି ସେତେବେଳେ ବିରୋଧୀ ଦଳର ଜଣେ ଟାଣୁଆ ଓ କୁହାଳିଆ ନେତା ଥିଲେ, ଏ ପ୍ରକାର ପ୍ରସ୍ତାବକୁ ମଧ୍ୟ କଟୁ ସମାଲୋଚନା କରିଥିଲେ । ଆଜି ସେଇ ଅର୍ଥମନ୍ତ୍ରୀ କିପରି ଗତକାଲିର କଳାକୁଆକୁ ଧଳା କହୁଛନ୍ତି ? ଏହା ଆମ ମୂଲ୍ୟବୋଧହୀନ ଦଳୀୟ ରାଜନୀତିର ଅନ୍ୟ ଏକ ଦୁର୍ବଳତାକୁ ସୂଚାଉ ନାହିଁ କି ? ଯଦି ବିଜେଡି-ବିଜେପି ମେଣ୍ଟର ଇସ୍ତାହାରରେ ଏଭଳି ପ୍ରସ୍ତାବ ଥାଆନ୍ତା, ତାହାହେଲେ ହୁଏତ ଏ ଯୁକ୍ତି ସପକ୍ଷରେ ସରକାରଙ୍କ ନୈତିକ ଶକ୍ତି ଅଧିକ ହୋଇଥାଆନ୍ତା । ଇସ୍ତାହାରକୁ କାର୍ଯ୍ୟକାରୀ କରିବାର ଆନ୍ତରିକତା ଯେ ଆଦୌ ନ ଥାଏ ଏବଂ ଏହା କେବଳ ନିର୍ବାଚନ ସମୟର ଏକ ଔପଚାରିକ ଦସ୍ତାବିଜ - ଏକଥା ମଧ୍ୟ ଏହାଦ୍ୱାରା ଅଧିକ ସ୍ପଷ୍ଟ ହୋଇଯାଉଛି ।

ତଥାପି ସରକାର ଯୁକ୍ତି କରିପାରନ୍ତି ଯେ, ସାମ୍ପ୍ରତିକ ଆର୍ଥିକ ସଂକଟ ଦୃଷ୍ଟିରୁ ଅଧିକ ସମ୍ବଳ ଜୁଟାଇବାର ଲକ୍ଷ୍ୟ ନେଇ ବୃତ୍ତିକର ପ୍ରସ୍ତାବକୁ ଏଭଳି ବିରୋଧ କରାଯିବା ଉଚିତ ନୁହେଁ ।

## ଆମ ଘରର ହାଲ୍‌ଚାଲ୍

### ସୌମ୍ୟରଂଜନ ପଟ୍ଟନାୟକ

ବର୍ଷକୁ ୬୦ ହଜାର ଟଙ୍କାରୁ ଅଧିକ ରୋଜଗାର କରୁଥିବା ବ୍ୟକ୍ତିମାନଙ୍କ ପାଇଁ ସର୍ବନିମ୍ନ ୨୫୦ ଟଙ୍କାରୁ ସର୍ବାଧିକ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ବୃତ୍ତିକର ଭାର ବହନ କରିବା ଆଦୌ ଅସମୀଚୀନ ନୁହେଁ । ଦରିଦ୍ର ଓଡ଼ିଶାରେ ୬୦ ହଜାର ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିମାନେ କ'ଣ ଓଡ଼ିଶାକୁ ୨୫୦ ଟଙ୍କାର ଭିକ୍ଷା ଦେଇପାରିବେ ନାହିଁ ? ଏହି ଯୁକ୍ତିରେ ଯଥେଷ୍ଟ ଆବେଗ ରହିଛି । କିନ୍ତୁ ଏ ପ୍ରକାର ଆବେଗକୁ ପାଥେୟ କରି ଭିକ୍ଷା ମାଗିଲାବେଳେ ଯେଉଁ ଆଭିମୁଖ୍ୟ ବା ଆଚରଣ ପ୍ରଦର୍ଶନ କରିବା କଥା, ସରକାର ହୁଏତ ତାହା ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି । ସରକାର ଯଦି ଏପରି ଗୋଟିଏ କର ଲାଗୁ କରିବା ପୂର୍ବରୁ ନିଜର ଆର୍ଥିକ ସଙ୍କଟକୁ ସାଧାରଣରେ ଉପସ୍ଥାପିତ କରିଥାଆନ୍ତେ, ସମ୍ବଳ ବୃଦ୍ଧିର ବିକଳ୍ପଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥାଆନ୍ତେ, ଯେଉଁମାନଙ୍କ ଉପରେ ନୂତନ କରଭାର ଲଦିଦେବା ପାଇଁ ଚାହୁଁଛନ୍ତି ସେମାନଙ୍କୁ ବିଶ୍ୱାସକୁ ନେଇ ଆଗତୁରା ଡାକିଥାନ୍ତେ, ତାହାହେଲେ ଏପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ବୃତ୍ତିକର ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଅଧିକ ୪୦ କୋଟି ଟଙ୍କା ସମ୍ବଳ ସଂଗ୍ରହ କରିହେବ । ଏହି ୪୦ କୋଟି ଟଙ୍କା ଅନ୍ୟ କୌଣସି ଉପାୟରେ ସଂଗ୍ରହ କରିହେବ ନାହିଁ । ଏକଥା କରଦାତାମାନେ ବୁଝିବା ଦରକାର । ସରକାରଙ୍କର କରନୀତି ଯେ ବହୁ କ୍ଷେତ୍ରରେ ଅପ୍ରାସଙ୍ଗିକ ଏବଂ ଅଯୌକ୍ତିକ - ଏକଥା ବାରମ୍ବାର ପ୍ରମାଣିତ ହୋଇଛି । କେନ୍ଦ୍ର ସରକାରଙ୍କ ଉଦ୍ୟମରେ ରାଜ୍ୟ ରାଜ୍ୟ ମଧ୍ୟରେ ବିକ୍ରିକରକୁ ନେଇ ଅଯଥା ପ୍ରତିଯୋଗିତାକୁ ଏଡ଼ାଇଯିବାକୁ ଯାଇ ସମାନ ବିକ୍ରିକର ବ୍ୟବସ୍ଥା କରାଗଲା । ଓଡ଼ିଶା ସରକାର ଏ ପ୍ରକାର ବ୍ୟବସ୍ଥାର ସୁଯୋଗ ନେବାପାଇଁ ଦିନଟିଏ ବି ଅପେକ୍ଷା କଲେ ନାହିଁ । ଯେଉଁ ସାମଗ୍ରୀଗୁଡ଼ିକ ଉପରେ ବିକ୍ରିକରର ହାର କମ୍ ଥିଲା, ସେଗୁଡ଼ିକୁ ପଡ଼ୋଶୀ ରାଜ୍ୟ ସହିତ ସମାନ କରି ବଢ଼େଇ ଦିଆଗଲା । ଅଥଚ ଆମ ରାଜ୍ୟରେ ଯେଉଁ ସାମଗ୍ରୀ ଉପରେ ବିକ୍ରିକର ଅଧିକ ଥିଲା, ସେଗୁଡ଼ିକୁ ପଡ଼ୋଶୀ ରାଜ୍ୟ ସହିତ ସମାନ କରାଗଲା ନାହିଁ । ପାଦେ ଆଗକୁ ଗଲେ ଦି'ପାଦ ପଛକୁ ଆସିଲେ । ଏହାଦ୍ୱାରା ଲାଭ କାହାର ହେଲା ? ଆମର ଅମଲାତନ୍ତ୍ରୀମାନେ ଭାବନ୍ତି ଯେ, କର ହାର ବଢ଼ାଇଦେଲେ ଆପେ ଆପେ ସମ୍ବଳ ସଂଗ୍ରହ ବଢ଼ିଯିବ । ଏହା ଏକ ଭ୍ରମାତ୍ମକ ଧାରଣା । ପଣ୍ୟକର ଉଚ୍ଛେଦ କରିବାପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିଲା । ଶେଷରେ ପଣ୍ୟକର ଉଚ୍ଛେଦ କରି ପ୍ରବେଶ କର ଲାଗୁ କରାଗଲା । ବ୍ୟବସାୟୀମାନେ ପ୍ରସ୍ତାବ ଦେଇଥିଲେ ଯେ, ପ୍ରବେଶ କର ଲାଗୁ ନ କରି ତା'ବଦଳରେ ଅଧିକ ଏକ ପ୍ରତିଶତ ବିକ୍ରିକର ଲାଗୁ କରାଯାଉ । ସରକାର ତାହା ଶୁଣିଲେ ନାହିଁ । ଶୁଣିଥିଲେ ଆହୁରି ଅଧିକ ୬୦ କୋଟି ଟଙ୍କା ପାଇପାରିଥାଆନ୍ତେ । ବ୍ୟବସାୟୀମାନଙ୍କ ସମ୍ପର୍କରେ ଆଉ ଗୋଟିଏ ଦୃଷ୍ଟାନ୍ତ ଦେଲେ ସରକାରଙ୍କର ଅପରିଣାମଦର୍ଶୀ ଦୃଷ୍ଟିଭଙ୍ଗୀ ସ୍ପଷ୍ଟ ହୋଇଯିବ । ପ୍ରଚଳିତ ବୃତ୍ତିକର ଆଇନରେ ସର୍ବାଧିକ ୨,୫୦୦ ଟଙ୍କା ଯେଉଁମାନଙ୍କୁ ଦେବାକୁ ପଡୁଛି, ସେମାନଙ୍କ ମଧ୍ୟରେ ଅଛନ୍ତି, ମାସିକ ୨୦ ହଜାରରୁ ଅଧିକ ପାଉଥିବା ସରକାରୀ କର୍ମଚାରୀ, ୨୦ ବର୍ଷରୁ ଅଧିକ କାଳ ଓକିଲାତି କରିଥିବା ବରିଷ୍ଠ ଓକିଲ ଓ ୧୫ ଲକ୍ଷ ଟଙ୍କାର ବେପାର କରୁଥିବା ବ୍ୟବସାୟୀ । ଟିକିଏ ତଳେଇ ଦେଖିଲେ ସରକାରଙ୍କର ଆଭିମୁଖ୍ୟ ଯେ କେତେ ପକ୍ଷପାତମୂଳକ ଓ ବ୍ୟବସାୟୀଙ୍କ ପ୍ରତି ଅସୂୟା ମନୋଭାବଜନିତ ତାହା ସ୍ପଷ୍ଟ ହୋଇଯିବ । ୨୦ ହଜାର ଟଙ୍କା ମାସିକ ଦରମା ପାଉଥିବା କର୍ମଚାରୀଟି ଅନ୍ୟାନ୍ୟ ସୁବିଧାସୁଯୋଗ ଛଡ଼ା ବର୍ଷକୁ ୨ ଲକ୍ଷ ୪୦ ହଜାର ଟଙ୍କା ପାଉଛି । ଏହା ସହିତ ସମାନ କରି ଦେଖାଯାଇଛି, ୧୫ ଲକ୍ଷ ଟଙ୍କାର ବେପାର କରୁଥିବା ବ୍ୟବସାୟୀଟିକୁ । ୧୫ ଲକ୍ଷ ଟଙ୍କାର ବେପାରରେ କେତେ ଲାଭ ହେଉଥିବ, ସେକଥା ବିଚାର କରାଯାଉ । ୧୫ ଲକ୍ଷ ଟଙ୍କା ବେପାରରେ ଦେଢ଼ ଲକ୍ଷ ଟଙ୍କାର ବିକ୍ରିକର ଥିବ । ସରକାରଙ୍କର ନିୟମ ଅନୁଯାୟୀ ଦେଢ଼ ଲକ୍ଷ ଟଙ୍କାର ବିକ୍ରିକର ଉପରେ ୧୫ ପ୍ରତିଶତ ସରଚାର୍ଜ ଦେବାକୁ ପଡ଼ିବ । ଏହା ଗ୍ରାହକମାନଙ୍କ ଉପରେ ଲଦି ଦିଆଯାଇପାରିବ ନାହିଁ । ଅର୍ଥାତ୍ ବ୍ୟବସାୟୀ ନିଜ ପକେଟ୍‌ରୁ ବା ଲାଭାଂଶରୁ ୨୨ ହଜାର ୫୦୦ ଟଙ୍କା ଦେବ । ପୁଣି ବୃତ୍ତିକର ବାବଦକୁ ତାକୁ ୨,୫୦୦ ଟଙ୍କା ଦେବାକୁ ପଡ଼ିବ । ଅର୍ଥାତ୍ ତାକୁ ୨୫ ହଜାର ଟଙ୍କାର ଅଧିକ କରଭାର ବୋହିବାକୁ ହେବ । ୨ ଲକ୍ଷ ୪୦ ହଜାର ରୋଜଗାର କରୁଥିବା କର୍ମଚାରୀଟି ତୁଳନାରେ ୨ ଲକ୍ଷ ୬୫ ହଜାର ଟଙ୍କା ଲାଭ କରିପାରୁଥିବା ବ୍ୟବସାୟୀଟି ତୁଳନୀୟ ହେବ । ୧୫ ଲକ୍ଷ ଟଙ୍କା ବେପାରରେ ୨ ଲକ୍ଷ ୬୫ ହଜାର ଟଙ୍କା ଲାଭ ନ ହେଲେ ବ୍ୟବସାୟୀଟି କ୍ଷତିଗ୍ରସ୍ତ ହେବ । ଅର୍ଥାତ୍ ୧୮ ପ୍ରତିଶତ ଲାଭ ନ କଲେ କୌଣସି ବ୍ୟବସାୟୀ ସତ୍ ଉପାୟରେ ଟିକ୍ଷିପାରିବ ନାହିଁ । ସରକାର କହିପାରିବେ କି, ପରିବହନଠାରୁ ଆରମ୍ଭ କରି ନୂଆ ମଦ ନିଗମ ପର୍ଯ୍ୟନ୍ତ - ସେ ଯେତୋଟି ବ୍ୟବସାୟ କରୁଛନ୍ତି, କେଉଁଥିରେ ୧୮ ପ୍ରତିଶତ ଲାଭ ପାଉଛନ୍ତି ବା ପାଇବାକୁ ଆଶା ରଖୁଛନ୍ତି ?

ତେଣୁ ଆମ ବିଚାରରେ କର ବ୍ୟବସ୍ଥାରେ ସଂସ୍କାର ଆଣି ଏହାକୁ ଅଧିକ ସହଜ ଓ ସରଳ କରାଯିବା ଉଚିତ । ଅଦରକାରୀ ଖର୍ଚ୍ଚ ଓ ଦୁର୍ନୀତିକୁ ରୋକାଯାଇ ସବୁ କ୍ଷେତ୍ରରେ ମିତବ୍ୟୟିତାକୁ ଅଗ୍ରାଧିକାର ଦିଆଗଲେ ବୃତ୍ତିକର ପ୍ରବୃତ୍ତିକରରେ ପରିଣତ ହୋଇପାରିବ ।